# ଅବକାରୀ ବିଭାଗର ୨୦୧୦-୧୧ ବର୍ଷର କାର୍ଯ୍ୟାବଳୀ ରିପୋର୍ଟ

୧. ଅବକାରୀ ବିଭାଗ ଏକ ସ୍ୱତନ୍ତ୍ର ବିଭାଗ ଭାବେ ତା ୦୧.୧୨.୧୯୯୯ ରିଖରୁ ରାଜସ୍ୱ ଓ ଅବକାରୀ ବିଭାଗରୁ ପୃଥକ୍ ହୋଇ କାର୍ଯ୍ୟ କଲା । ଏହା ମୁଖ୍ୟତଃ ଏକ ରାଜସ୍ୱ ଆଦାୟକାରୀ ବିଭାଗ। ଏହି ବିଭାଗ ରାଜ୍ୟ ଅବକାରୀ ଆଇନକୁ ମଧ୍ୟ କାର୍ଯ୍ୟକାରୀ କରିଥାଏ।

## ୨. ଅବକାରୀ ନୀତି

୨.୧ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୪୭ ଅନୁସାରେ ପ୍ରତ୍ୟେକ ରାଜ୍ୟ ନିଶା ନିବାରଣ କରିବାକୁ ପ୍ରୟାସ କରିବେ। ଜନକଲ୍ୟାଣ ପ୍ରତି ବଚନବଦ୍ଧ ଥିବା ସରକାର, ଖାଉଟିମାନଙ୍କର ଆଚରଣକୁ ଦୃଷ୍ଟିରେ ରଖି ଅନ୍ୟ ଖାଉଟି ଦ୍ରବ୍ୟ ଭଳି, ନିଶାଯୁକ୍ତ ଦ୍ରବ୍ୟ ଗୁଡିକର ଚାହିଦା ଏବଂ ଯୋଗାଣ ପ୍ରତି ସର୍ବଦା ସଜାଗ ଏବଂ ସକ୍ରିୟ ରହିଥାନ୍ତି। ଏଣୁ ଏହି ନିଶାଯୁକ୍ତ ଦ୍ରବ୍ୟର ଚାହିଦା ଅନୁସାରେ ଯୋଗାଣ ସର୍ବଦା ସୁଚାରୁ ରୂପେ ହେବା ଆବଶ୍ୟକ। ବର୍ତ୍ତମାନର ଚାହିଦାକୁ ଦୃଷ୍ଟିରେ ରଖି ବିଧିସଙ୍ଗତ ଏବଂ ନିରାପଦ ଦ୍ରବ୍ୟର ଯୋଗାଣ ନିମନ୍ତେ ସରକାର ସର୍ବଦା ପ୍ରୟାସ କରିଥାନ୍ତି। ଚାହିଦା ଠାରୁ ସ୍ୱଳ୍ପ ଯୋଗାଣ, ବିଷାକ୍ତ ଏବଂ ଚୋରା କାରବାରର କାରଣ ହୋଇଥାଏ, ଯାହାକି ଖାଉଟି ତଥା ଜନସାଧାରଣଙ୍କ ନିରାପତ୍ତା ବିପନ୍ନ କରେ।

୨.୨ ବିଭିନ୍ନ ନ୍ୟାୟିକ ମାମଲାରେ ଏହା ମଧ୍ୟ ସ୍ୱୀକାର କରାଯାଇଅଛି ଯେ ମାଦକ ଦ୍ରବ୍ୟ କାରବାରର ବିଶେଷାଧିକାର ପ୍ରଦାନର ଏକମାତ୍ର ଉଦ୍ଦେଶ୍ୟ ହେଲା ରାଜସ୍ୱ ସଂଗ୍ରହ। ଏହାଦ୍ୱାରା ସରକାର ସତର୍କତାର ସହ ମାଦକ ଦ୍ରବ୍ୟର ନିୟନ୍ତ୍ରଣ ପାଇଁ ନୀତି ନିର୍ଦ୍ଧାରଣ କରନ୍ତି ଓ ପରିଣାମତଃ ସାମାଜିକ ରକ୍ଷଣଶୀଳତା ଉପରେ କୌଣସି ପ୍ରଭାବ ନ ପକାଇ ବିପୁଳ ପରିମାଣର ରାଜସ୍ୱ ଆଦାୟ କରିଥାନ୍ତି ।

୨.୩ ଭାରତ ସମ୍ବିଧାନର ଅନୁଚ୍ଛେଦ ୨୪୬(୩) ଧାରା ଏବଂ ତାଲିକା-II ର ୭ମ ଅନୁଚ୍ଛେଦରେ ଅନ୍ତର୍ଗତ କରାଯାଇଥିବା ଯେ କୌଣସି ବିଷୟରେ ରାଜ୍ୟ ବା ରାଜ୍ୟର ଯେ କୌଣସି ପ୍ରାନ୍ତ ପାଇଁ ରାଜ୍ୟ ବିଧାନମଣ୍ଡଳ ଆଇନ ପ୍ରଣୟନ କରିବାର ବିଶେଷ ଅଧିକାର ରହିଛି। ମଦ ଅର୍ଥାତ ଏହାର ଉତ୍ପାଦନ, ପ୍ରସ୍ତୁତି, ମହଜୁଦ, ପରିବହନ, କ୍ରୟ ଓ ବିକ୍ରୟକୁ ଉକ୍ତ ତାଲିକା-II ର କ୍ରମିକ ସଂଖ୍ୟା ୮ ରେ ଦର୍ଶାଯାଇଅଛି। ଯେ କୌଣସି ବିଷୟରେ ଫି ଧାର୍ଯ୍ୟ କରିବା ପାଇଁ ଭାରତୀୟ ସମ୍ବିଧାନର ଧାରା-II ଅନ୍ତର୍ଗତ କ୍ରମିକ ସଂଖ୍ୟା-୬୬ରେ ରାଜ୍ୟ ବିଧାନମଣ୍ଡଳକୁ କ୍ଷମତା ପ୍ରଦାନ କରାଯାଇଅଛି। ରାଜ୍ୟ ଭିତରେ କିମ୍ବା ଭାରତର ଯେ କୌଣସି ସ୍ଥାନରେ ମନୁଷ୍ୟ ବ୍ୟବହାର ଉପଯୋଗୀ ସୁରାସାର ମଦ ଉପରେ ଅବକାରୀ ଶୁଳ୍କ ଲାଗୁ କରାଯାଇପାରିବ।

୨.୪ ରାଜ୍ୟରେ ବିଦେଶୀ ମଦ (IMFL) ଓ ଦେଶୀ ମଦ (Country Spirit) ର ଏକଚାଟିଆ କାରବାର ରାଜ୍ୟ ସରକାର ଓଡିଶା ରାଜ୍ୟ ପାନୀୟ ନିଗମକୁ ପ୍ରଦାନ କରିଅଛନ୍ତି। ରାଜ୍ୟରେ ମଦର ଆମଦାନୀ ଓ ବିତରଣ କେବଳ ପାନୀୟ ନିଗମ ମାଧ୍ୟମରେ ହୋଇପାରିବ ଏବଂ ମଦ ପ୍ରସ୍ତୁତକାରୀ ସଂସ୍ଥାଗୁଡିକ ରାଜ୍ୟ ମଧ୍ୟରେ ପାନୀୟ ନିଗମ ବ୍ୟତୀତ ଅନ୍ୟ କାହାକୁ ମଦ ବିକ୍ରୟ କରିପାରିବେ ନାହିଁ। ମଦର ଖୁଚୁରା ବିକ୍ରୟ କେବଳ ରାଜ୍ୟ ସରକାରଙ୍କଠାରୁ ଲାଇସେନ୍ସ ପ୍ରାପ୍ତ ଖୁଚୁରା ବିକ୍ରେତାମାନଙ୍କ ଜରିଆରେ ନିୟନ୍ତ୍ରିତ।

ଯେହେତୁ ମଦ ବ୍ୟବସାୟରୁ ରାଜସ୍ୱ ସଂଗ୍ରହ ମୁଖ୍ୟ ଉଦ୍ଦେଶ୍ୟ ଓ ଯେହେତୁ ଅଧିକ ସମ୍ବଳ ସଂଗ୍ରହର ଉତ୍କଟ ଆବଶ୍ୟକତା ରହିଛି, ଲାଇସେନ୍ସ ପ୍ରାପ୍ତ ଦୋକାନ ସଂଖ୍ୟା ବଢାଇବା ଅପରିହାର୍ଯ୍ୟ ହୋଇଛି ।

୨.୫ ବିଦେଶୀ ମଦ ଓ ଦେଶୀ ମଦ (Country Spirit) ର ଏକଚାଟିଆ ପାଇକାରୀ କାରବାର ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅଟେ। ଅବକାରୀ ରାଜସ୍ୱ ଏହା ପରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଗତ ଦଶ ବର୍ଷର ଅବକାରୀ ରାଜସ୍ୱ ଆଦାୟ ବିବରଣୀ ନିମ୍ନମତେ ପ୍ରଦାନ କରାଗଲା :-

| ବର୍ଷ | ( କୋଟି ଟଙ୍କାରେ) | ଶତକଡା ଅଭିବୃଦ୍ଧି ହାର |
|---|---|---|
| ୨୦୦୧-୨୦୦୨ | ୧୯୭.୩୫ | ୪୫.୮୧ % |
| ୨୦୦୨-୨୦୦୩ | ୨୪୬.୦୫ | ୨୪.୬୯ % |

| | | |
|---|---|---|
| ୨୦୦୩-୨୦୦୪ | ୨୫୬.୬୯ | ୪.୩୧ % |
| ୨୦୦୪-୨୦୦୫ | ୩୦୬.୬୧ | ୧୯.୪୪ % |
| ୨୦୦୫-୨୦୦୬ | ୩୮୯.୨୦ | ୨୬.୯୩ % |
| ୨୦୦୬-୨୦୦୭ | ୪୩୦.୧୨ | ୧୦.୫୧ % |
| ୨୦୦୭-୨୦୦୮ | ୫୨୪.୮୩ | ୨୨.୦୨ % |
| ୨୦୦୮-୨୦୦୯ | ୬୬୦.୦୪ | ୨୫.୭୬ % |
| ୨୦୦୯-୨୦୧୦ | ୮୪୮.୯୭ | ୨୮.୬୩ % |
| ୨୦୧୦-୨୦୧୧ (୩୧.୦୧.୨୦୧୧ ସୁଦ୍ଧା) | ୭୩୯.୧୮ | ୩୦.୪୪ % |

## ୩. ଭାରତ ପ୍ରସ୍ତୁତ ବିଦେଶୀ ମଦ ଓ ବିୟର

**୩.୧** ଭାରତ ପ୍ରସ୍ତୁତ ବିଦେଶୀ ମଦ ଓ ବିୟରରୁ ଶୁଳ୍କ ଓ ଫି ବାବଦକୁ ଆଦାୟ ହେଉଥିବା ରାଜସ୍ୱ ଅବକାରୀ ରାଜସ୍ୱର ଏକ ମୁଖ୍ୟ ଉତ୍ସ । ୨୦୧୦-୧୧ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ୧୧୪୦ ଟି ଠିପିବନ୍ଦ ବିଦେଶୀ ମଦ ଦୋକାନ, ୩୩୧ ଟି ଠିପିଖୋଲା ବିଦେଶୀ ମଦ ଦୋକାନ, ୧୪ ଟି ଠିପିଖୋଲା କ୍ଲବ୍, ୨୫ ଟି ମିଲିଟାରୀ କ୍ୟାଣ୍ଟିନ୍ ଏବଂ ୮୧ ଟି ବିୟର ପାର୍ଲର ଅଛି ।

**୩.୨** ଠିପିବନ୍ଦ ବିଦେଶୀ ମଦ ଦୋକାନ ଲଟେରୀ ମାଧ୍ୟମରେ ବନ୍ଦୋବସ୍ତ କରାଯାଇଥାଏ। ପ୍ରତି ମାସ ଠିପିବନ୍ଦ ବିଦେଶୀ ଓ ଠିପିଖୋଲା ମଦ ଦୋକାନରୁ ଜରସମନ ଆଦାୟ କରାଯାଏ। ଏହି ପ୍ରତ୍ୟାଭୁତି ଅର୍ଥ ବ୍ୟତୀତ ଖୁଚୁରା ବିକ୍ରେତାମାନେ ଉଠାଉଥିବା ବିଦେଶୀ ମଦ ଓ ବିୟର ପାଇଁ ନିର୍ଦ୍ଧିଷ୍ଟ ପରିମାଣରେ ବିଦେଶୀ ମଦ ଓ ବିୟର ଉଠାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ଏବଂ ସେଥିରୁ ଅବକାରୀ ଶୁଳ୍କ ମିଳିଥାଏ।

## ୪. ମହୁଲିମଦ (Out Still)

ବର୍ତ୍ତମାନ ରାଜ୍ୟରେ ୨୧ ଗୋଟି ଜିଲ୍ଲା, ଯଥା-ସମ୍ବଲପୁର, ବରଗଡ, ଝାରସୁଗୁଡା, ଦେଓଗଡ, କଳାହାଣ୍ଡି, ନୂଆପଡା, ବଲାଙ୍ଗିର, ସୋନପୁର, ବୌଦ୍ଧ, କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗରି, ସୁନ୍ଦରଗଡ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ଗଜପତି, ଢେଙ୍କାନାଳ ଓ କନ୍ଧମାଳ ମାନଙ୍କରେ ମହୁଲିମଦ ପ୍ରଚଳନ କାରଯାଇଛି। ଏହି ମହୁଲିମଦ ଦୋକାନ ଗୁଡିକ ଲଟେରୀ ମାଧ୍ୟମରେ ବନ୍ଦୋବସ୍ତ କରାଯାଇଥାଏ । ବର୍ତ୍ତମାନ ରାଜ୍ୟରେ ୨୦୧୦-୧୧ ବର୍ଷ ଡିସେମ୍ବର ସୁଦ୍ଧା ୫୮୨ ଗୋଟି ମୁଖ୍ୟ ଓ ୧୨୬୮ ଗୋଟି ଶାଖା ମହୁଲିମଦ ଦୋକାନ ଅଛି । ସରକାରଙ୍କ ଆଦେଶ ଅନୁଯାୟୀ ୨୦୧୦-୧୧ ବର୍ଷ ନିମନ୍ତେ କନ୍ଧମାଳ ଜିଲ୍ଲାରେ ମହୁଲୀ ମଦ ଲାଇସେନ୍ସର ନବୀକରଣ ସ୍ଥଗିତ ରଖାଯାଇଅଛି।

## ୫. ଦେଶୀ ମଦ (Country Spirit)

**୫.୧** ୨୦୧୦-୧୧ ବର୍ଷରେ କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ପୁରୀ, ନୟାଗଡ, ଖୋର୍ଦ୍ଧା, ବାଲେଶ୍ୱର ଓ ଭଦ୍ରକ ଆଦି ୦୯ ଟି ଜିଲ୍ଲାରେ ଦେଶୀ ମଦ ପ୍ରଚଳନ କରାଯାଇଛି । ଦେଶୀ ମଦ ଦୋକାନଗୁଡିକ ଲଟେରୀ ମାଧ୍ୟମରେ ବନ୍ଦୋବସ୍ତ ହୋଇଥାଏ । ରାଜ୍ୟରେ ୨୦୧୦-୧୧ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ମୋଟ ୨୨୦ ଗୋଟି ଦେଶୀ ମଦ (C.S) ଦୋକାନ ଅଛି ।

**୫.୨** ସରକାରଙ୍କ ଅବକାରୀ ନୀତି ଅନୁଯାୟୀ ଦେଶୀ ମଦ ୨୦୦ ମିଲି ଲିଟର ପାଉଚ ସହିତ ୨୦୦ ମି.ଲି. କାଚ ବୋତଲରେ ଆସ୍କା ସମବାୟ ଚିନି କଳ ଦ୍ୱାରା ୨୦୦୯-୧୦

ବର୍ଷଠାରୁ ଉପଲବ୍ଧ କରାଯାଉଅଛି । ପରିଣାମତଃ କାଚବୋତଲ ଦେଶୀ ମଦ, ପାଉଚ ଦେଶୀ ମଦର ସ୍ଥାନ ପୂରଣ କରିପାରିବ ।

## ୬. ଡିଷ୍ଟିଲାରୀ, ବ୍ରିୱେରୀ ଓ ବଟଲିଂ ପ୍ଲାଣ୍ଟ

ରାଜ୍ୟରେ ୩ ଟି ଡିଷ୍ଟିଲାରୀ, ୧୨ ଟି ବଟଲିଂ ପ୍ଲାଣ୍ଟ ଓ ୪ଟି ବ୍ରିୱେରୀ ଅଛି । ରାଜ୍ୟ ଭିତରେ ଏଗୁଡିକର ବାର୍ଷିକ ଉତ୍ପାଦନ କ୍ଷମତା ନିମ୍ନରେ ପ୍ରଦତ୍ତ ।

| Sl. No. | Name of the Unit | Production Capacity |
|---|---|---|
| 1 | 2 | 3 |
| 1 | M/s. Shakti Sugars Ltd. Dhenkanal | 10000000 BL |
| 2 | M/s Aska Co-operative Sugar Industries Ltd. Aska | 3000000 BL |
| 3 | M/s Umeri Distilleries Pvt. Ltd. Umeri, Koraput. | 2760000 LPL |
| 4 | M/s. Hi-Tech Bottling. Sambalpur | 3882000 BL |
| 5 | M/s. Heritage Distilleries, Nimapara | 300000 BL |
| 6 | M/s. Bacchus Bottling Ltd. Balasore | 1400000 LPL |
| 7 | M/s. Utkal Distilleries, Khurda | 6000001 LPL |
| 8 | M/s. Pine Cask Bottling, Khurda | 1200015 LPL |
| 9 | M/s. Shree Shakti Distilleries Ltd. Rayagada | 729000 BL |
| 10 | M/s. Jeypore Sugar Company, Rayagada | 1188000 LPL |
| 11 | M/s. Umeri Distileries, Umeri, Jeypore, Koraput( Bottling) | 240000 LPL |
| 12 | M/s. Fortune Spirit Ltd. Ganjam | 150000 Cases |
| 13 | M/s. United Spirits Ltd. Ganjam | 1500005 LPL |
| 14 | M/s. Perno Ricard (P) Ltd. Leasee of M/s. Oriental Bottling (P) Ltd. Khurda | 435000 LPL |
| 15 | M/s. Kwality Bottlers (P) Ltd. Janla, Khurda | 1594080 Ltrs. |
| 16 | M/s. SKOL Breweries, Paradeep | 20000000 BL |
| 17 | M/s. Denzong Breweries, Khurda | 10683733 BL |
| 18 | M/s. United Breweries, Khurda | 29000000 BL |
| 19 | M/s. Maikal Breweries Ltd. Bolangir | 10800000 BL |

## ୭. ବିଦେଶୀ ମଦ ଓ ବିୟର ଉଠାଣ

୨୦୦୭–୦୮ ମସିହାରେ ୧୫୬.୫୦ ଲକ୍ଷ ଏଲ୍.ପି.ଏଲ୍ ଭାରତ ପ୍ରସ୍ତୁତ ବିଦେଶୀ ମଦ ଓ ୨୯୩.୦୦ ଲକ୍ଷ ବି.ଏଲ୍. ବିୟର ଓ ୨୦୦୮–୦୯ ଆର୍ଥିକ ବର୍ଷରେ ୨୦୦.୭୯ ଲକ୍ଷ ଏଲ୍.ପି.ଏଲ୍ ଭାରତ ପ୍ରସ୍ତୁତ ବିଦେଶୀ ମଦ ଓ ୪୪୫.୪୬ ଲକ୍ଷ ବି.ଏଲ୍ ବିୟର ଓ ୨୦୦୯–୧୦ ଆର୍ଥିକ ବର୍ଷରେ ୨୬୫.୨୬ ଲକ୍ଷ ଏଲ୍. ପି. ଏଲ୍ ଭାରତ ପ୍ରସ୍ତୁତ ମଦ ଏବଂ ୬୩୫.୧୩ ବି.ଏଲ୍ ବିଅର ଉଠାଣ ହୋଇଥିବାବେଳେ ୨୦୧୦–୧୧ (୩୧.୧୨.୨୦୧୦ ସୁଦ୍ଧା) ୨୪୩.୯୪ ଲକ୍ଷ ଏଲ.ପି.ଏଲ. ବିଦେଶୀ ମଦ ଓ ୫୩୯.୯୬ ଲକ୍ଷ ବି. ଏଲ. ବିଅର ଉଠାଯାଇଅଛି।

## ୮. ଦେଶୀ ମଦ (Country Spirit) ଉଠାଣ

୨୦୦୭–୦୮ ବର୍ଷରେ ୫୯.୨୯ ଲକ୍ଷ ଏଲ୍.ପି.ଏଲ୍ ଦେଶୀ ମଦ ଓ ୨୦୦୮–୦୯ ବର୍ଷରେ ୫୯.୦୦ ଲକ୍ଷ ଏଲ୍.ପି.ଏଲ୍ ଦେଶୀ ମଦ ଓ ୨୦୦୯–୧୦ ଆର୍ଥିକ ବର୍ଷରେ ୬୮.୩୯ ଲକ୍ଷ ଏଲ୍.ପି.ଏଲ୍ ଦେଶୀ ମଦ ଉଠାଣ ହୋଇଥିବା ବେଳେ ୨୦୧୦–୧୧ ଆର୍ଥିକ ବର୍ଷ ୩୧.୧୨.୨୦୧୦ ସୁଦ୍ଧା ୬୨.୫୧ ଲକ୍ଷ ଏଲ.ପି.ଏଲ ଦେଶୀ ମଦ ଉଠାଯାଇଅଛି ।

## ୯. ଓଡିଶା ରାଜ୍ୟ ପାନୀୟ ନିଗମର କାର୍ଯ୍ୟ

୯.୧ ରାଜ୍ୟ ସରକାର ଓଡିଶା ରାଜ୍ୟ ପାନୀୟ ନିଗମ ଗଠନ କରି ବିଦେଶୀ ମଦ ଓ ଦେଶୀ ମଦ (Country Spirit) ର ଏକଚାଟିଆ କାରବାର ହାତକୁ ନେଇଅଛନ୍ତି। ସେହି ଅନୁଯାୟୀ କମ୍ପାନୀ ଆଇନ, ୧୯୫୬ ଅନୁସାରେ ଓଡିଶା ରାଜ୍ୟ ପାନୀୟ ନିଗମକୁ ରାଜ୍ୟର ଏକ ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ ନିଗମ ଭାବେ ପଞ୍ଜିକୃତ କରାଯାଇଛି । ଏହା ଫଳରେ ଅବକାରୀ ଶୁଳ୍କ ଓ ବିକ୍ରୀକର ଆଦାୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଅବକାରୀ ଶୁଳ୍କ ଓ ବିକ୍ରୀକର ବୃଦ୍ଧିର ଏକ ତୁଳନାତ୍ମକ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :–

(କୋଟି ଟଙ୍କାରେ)

| କ୍ର. ନଂ | ନାମ | ୨୦୦୩–୦୪ | ୨୦୦୪–୦୫ | ୨୦୦୫–୦୬ | ୨୦୦୬–୦୭ | ୨୦୦୭–୦୯ | ୨୦୦୮–୦୯ | ୨୦୦୯–୧୦ | ୨୦୧୦–୧୧ (Upto 31.01.2011) |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧ | ଅବକାରୀ ଶୁଳ୍କ | ୧୪୩.୭୨ | ୧୬୪.୪୬ | ୨୧୦.୨୯ | ୨୪୨.୪୨ | ୩୦୧.୧୨ | ୪୩୪.୩୦ | ୫୨୬.୪୧ | ୫୭୪.୫୩ |
| ୨ | ବିକ୍ରିକର ଓ ପ୍ରବେଶକର | ୬୯.୩୯ | ୭୩.୮୫ | ୮୬.୧୮ | ୧୧୦.୪୩ | ୧୨୨.୧୭ | ୧୬୬.୦୮ | ୨୩୭.୨୯ | ୨୫୩.୯୬ |
| ମୋଟ | | ୨୧୩.୧୧ | ୨୩୮.୩୧ | ୨୯୬.୪୭ | ୩୫୨.୮୫ | ୪୨୩.୨୯ | ୬୦୦.୩୮ | ୭୬୩.୭୦ | ୮୨୮.୪୯ |

୯.୨ ନିଗମର ପ୍ରାଧିକୃତ ପୁଞ୍ଜିରାଶି ୫.୦୦ କୋଟି ଟଙ୍କା ହୋଇଥିବାବେଳେ ରାଜ୍ୟସରକାର ନିଗମକୁ ଅଂଶଧନ ବାବଦରେ ୧.୦୦ କୋଟି ଟଙ୍କା ଓ ଋଣ ବାବଦରେ ୧.୦୦ କୋଟି ଟଙ୍କା ଦେଇ ଅଛନ୍ତି । ଏହି ଋଣ ରାଶି ଉପରେ ପାନୀୟ ନିଗମ ରାଜ୍ୟ ସରକାରଙ୍କୁ ଶତକଡା ୨୪% ସୁଧ ପଇଠ କରୁଅଛି । ନିଗମ ଖୋର୍ଦ୍ଧା, କଟକ, ବ୍ରହ୍ମପୁର, ସମ୍ବଲପୁର,ବାଲେଶ୍ୱର ଓ ରାୟଗଡା ଠାରେ ଡିପୋ ମାନ ଖୋଲିଅଛି । ନିଗମ ବ୍ରହ୍ମପୁର, ଖୋର୍ଦ୍ଧା ଓ ବାଲେଶ୍ୱରରେ ମଧ୍ୟ ଦେଶୀ ମଦ ଡିପୋ ମାନ ଖୋଲିଛନ୍ତି । ମଦର ଚାହିଦାକୁ ଦୃଷ୍ଟିରେ ରଖି ଆଉ ୩ ଗୋଟି ନୂତନ ଡିପୋ କେନ୍ଦୁଝର, ଅନୁଗୁଳ ଏବଂ ବଲାଙ୍ଗିର ଠାରେ ଖୋଲାଯିବାପାଇଁ ପ୍ରସ୍ତାବ ରଖା ଯାଇଛି ।

ନିଗମ ବିଗତ ବର୍ଷମାନଙ୍କରେ ଦେଇଥିବା ଫି ଗୁଡିକର ବିଷଦ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ବର୍ଷ | ଲାଇସେନ୍ସ ଫି (କୋଟି ଟଙ୍କାରେ) | ପ୍ରିଭିଲେଜ୍ ଫି (କୋଟି ଟଙ୍କାରେ) |
|---|---|---|
| ୨୦୦୩–୦୪ | ୬.୦୦ | ୫.୦୦ |
| ୨୦୦୪–୦୫ | ୧୦.୦୦ | ୫.୦୦ |
| ୨୦୦୫–୦୬ | ୧୨.୦୦ | ୫.୦୦ |
| ୨୦୦୬–୦୭ | ୨୦.୦୦ | ୨୦୦୬–୦୭ ବର୍ଷଠାରୁ ଆଦାୟ କରାଯାଉନାହିଁ । |
| ୨୦୦୭–୦୮ | ୩୦.୩୦ | ୨୦୦୬–୦୭ ବର୍ଷଠରୁ ଆଦାୟ କରାଯାଉନାହିଁ । |
| ୨୦୦୮–୦୯ | ୩୦.୩୦ | ୨୦୦୬–୦୭ ବର୍ଷଠରୁ ଆଦାୟ କରାଯାଉନାହିଁ । |
| ୨୦୦୯–୧୦ | ୪୦.୩୦ | ୨୦୦୬–୦୭ ବର୍ଷଠରୁ ଆଦାୟ କରାଯାଉନାହିଁ । |
| ୨୦୧୦–୧୧ | ଅବକାରୀ ନୀତି ଚୂଡ଼ାନ୍ତ ହୋଇନାହିଁ। | ୨୦୦୬–୦୭ ବର୍ଷଠରୁ ଆଦାୟ କରାଯାଉନାହିଁ । |

୯.୩ ବିହାର ଓ ଓଡିଶା ଅବକାରୀ ଆଇନ ସହିତ ସଂଶୋଧିତ ଓଡିଶା ଅବକାରୀ ଆଇନର ଧାରା – ୨୦ (ଏ) ର ପ୍ରଚଳନ ଫଳରେ ଦେଶୀ ଓ ବିଦେଶୀ ମଦର ପାଇକାରୀ କାରବାର ଓଡିଶା ମଦ୍ୟ ପାନୀୟ ନିଗମ (ଯାହାକି କମ୍ପାନୀ ଆଇନ, ୧୯୫୬ ଅନୁଯାୟୀ ସ୍ଥାପିତ ହୋଇଛି) ଉପରେ ନ୍ୟସ୍ତ କରାଯାଇଛି। ଏହି ନିଗମ ରାଜ୍ୟ ସରକାରଙ୍କ ଅଧିନସ୍ଥ ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ। ଏହା ଏକ ବୈଧାନିକ

ସ୍ୱାଧିକାର ହୋଇଥିବା ହେତୁ ଏହି ପାଇକାରୀ ପ୍ରିଭିଲେଜ ଫି ନିଗମ ଠାରୁ ଆଦାୟ କରାଯାଇଥାଏ। କିନ୍ତୁ ଅନ୍ୟପକ୍ଷରେ ସମସ୍ତ ଖୁଚୁରା ବେପାରୀ, ପ୍ରସ୍ତୁତକାରୀ ଏବଂ ଲାଇସେନ୍ସଧାରୀ ଙ୍କ ଠାରୁ ପ୍ରଚଳିତ ନିୟମ ଓ ବ୍ୟବସ୍ଥା ଅନୁଯାୟୀ ଲାଇସେନ୍ସ ଫି ଆଦାୟ କରାଯାଇଥାଏ।

୯.୪ ଓଡିଶା ରାଜ୍ୟ ପାନୀୟ ନିଗମ ବିଗତ ଦଶ ବର୍ଷରେ କରିଥିବା ମୋଟ କାରବାରର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ବର୍ଷ | ମୋଟ କାରବାର (କୋଟି ଟଙ୍କାରେ) | ମନ୍ତବ୍ୟ |
|---|---|---|
| ୨୦୦୧–୦୨ | ୨୭୫.୪୩ | ଅଡିଟ ହୋଇଅଛି |
| ୨୦୦୨–୦୩ | ୩୪୭.୩୪ | ଅଡିଟ ହୋଇଅଛି |
| ୨୦୦୩–୦୪ | ୩୭୮.୦୧ | ଅଡିଟ ହୋଇଅଛି |
| ୨୦୦୪–୦୫ | ୫୨୨.୮୦ | ଅଡିଟ ହୋଇଅଛି |
| ୨୦୦୫–୦୬ | ୫୨୩.୦୯ | ଅଡିଟ ହୋଇଅଛି |
| ୨୦୦୬–୦୭ | ୬୧୨.୨୩ | ଅଡିଟ ହୋଇଅଛି |
| ୨୦୦୭–୦୮ | ୭୩୫.୨୮ | ଅଡିଟ ହୋଇଅଛି |
| ୨୦୦୮–୦୯ | ୧୦୧୩.୩୪ | ଅଡିଟ ହୋଇଅଛି |
| ୨୦୦୯–୧୦ | ୧୪୨୭.୪୭ | ଅନନ୍ତିମ |
| ୨୦୧୦–୧୧ (୩୧.୧୨.୨୦୧୦) | ୧୩୭୩.୦୯ | ଅନନ୍ତିମ |

## ୧୦. ବଳବତ୍‌କରଣ (Enforcement)

ରାଜ୍ୟର ଚାରିଗୋଟି ଅବକାରୀ ଗୋଇନ୍ଦାସଂସ୍ଥା ଓ ବଳବତ୍‌କରଣ ବ୍ୟୁରୋ (ଇ.ଆଇ. ଆଣ୍ଡ ଇ.ବି. ୟୁନିଟ୍) ରହିଅଛି । ଏହା ମଧ୍ୟରୁ ଗୋଟିଏ କରି ୟୁନିଟ୍ ଅବକାରୀ ଗୋଇନ୍ଦା ଓ ବଳବତ୍‌କରଣ ସଂସ୍ଥାର ଶାଖା, ତିନିଗୋଟି ଅବକାରୀ ଉପ–ଆୟୁକ୍ତଙ୍କ ଅଧୀନରେ କଟକ, ବ୍ରହ୍ମପୁର ଓ ସମ୍ବଲପୁରଠାରେ କାର୍ଯ୍ୟରତ ଓ ଗୋଟିଏ ଅବକାରୀ ଗୋଇନ୍ଦା ଓ ବଳବତ୍‌କରଣ ସଂସ୍ଥାର ଶାଖା ରାଜ୍ୟର ଅବକାରୀ କମିଶନରଙ୍କ ଅଧୀନରେ ଅବସ୍ଥାପିତ। ଏତଦ୍‌ବ୍ୟତୀତ ଜିଲ୍ଲାମାନଙ୍କରେ ଫ୍ଲାଇଙ୍ଗସ୍କ୍ୱାର୍ଡ ଓ ଭ୍ରାମ୍ୟମାଣ ଶାଖାମାନ ଅବକାରୀ ବଳବତ୍‌କରଣ କାର୍ଯ୍ୟ କରୁଅଛନ୍ତି। ବିଗତ ୮ ବର୍ଷର ଅବକାରୀ ବଳବତ୍‌କରଣ କାର୍ଯ୍ୟାବଳୀର ଏକ ତୁଳନାତ୍ମକ ବିବରଣୀ ନିମ୍ନରେ ଦିଆଯାଇଅଛି :–

| ଧରପଗଡର ବିବରଣୀ | | ବର୍ଷ | | | | | | | |
|---|---|---|---|---|---|---|---|---|---|
| | | ୨୦୦୩–୦୪ | ୨୦୦୪–୦୫ | ୨୦୦୫–୦୬ | ୨୦୦୬–୦୭ | ୨୦୦୭–୦୮ | ୨୦୦୮–୦୯ | ୨୦୦୯–୧୦ | ୨୦୧୦–୧୧ (Upto 31.12.10) |
| ୧. | ରୁଜୁ ହୋଇଥିବା ମାମଲା ସଂଖ୍ୟା | ୩୧,୧୯୯ | ୩୦,୫୪୧ | ୩୦,୫୩୪ | ୧୭,୩୬୭ | ୧୪,୭୬୨ | ୧୩,୫୮୬ | ୧୩,୫୯୮ | ୧୦,୮୨୮ |
| ୨. | ଗିରଫ ବ୍ୟକ୍ତିଙ୍କ ସଂଖ୍ୟା | ୧୫,୮୮୫ | ୧୫,୭୩୨ | ୧୪,୯୫୫ | ୫,୪୮୯ | ୪,୯୬୯ | ୬,୨୪୩ | ୬,୯୬୪ | ୬,୧୩୨ |
| ୩. | ଜବତ ଜିନିଷର ପରିମାଣ | | | | | | | | |
| | (କ) ଚୋରାମଦ (ଲିଟର) | ୨,୯୦,୪୬୮ | ୨,୫୭,୬୨୭ | ୨,୭୭,୯୯୦ | ୧,୭୭,୦୯୪ | ୧,୫୬,୮୨୦ | ୧,୩୫,୯୧୪ | ୧,୨୩,୩୭୯ | ୮୩,୦୮୪ |
| | (ଖ) ଭାରତ ପ୍ରସ୍ତୁତ ବିଦେଶୀ ମଦ (ଏଲ୍.ପି.ଏଲ୍) | ୮,୩୮୭ | ୧୧,୬୫୨ | ୧୮,,୭୩୭ | ୫,୨୧୩ | ୯,୪୩୩ | ୬,୦୦୮ | ୪,୧୮୯ | ୩,୫୬୮ |
| | (ଗ) ବିୟର (ବି.ଏଲ୍) | ୬,୫୩୬ | ୧୦,୩୯୪ | ୬,୨୧୧ | ୨,୦୬୭ | ୪,୨୫୯ | ୪,୯୭୩ | ୬,୩୦୫ | ୫,୨୫୬ |
| | (ଘ) ପୋଚ (କି.ଗ୍ରା) | ୪୯,୯୯,୬୪୫ | ୪୮,୩୬,୮୮୯ | ୨୬,୨୩,୫୦୩ | ୨୭,୫୫,୬୮୧ | ୨୪,୯୩,୨୮୨ | ୨,୦୧,୭୫,୫୯୧ | ୧୭,୧୪,୩୮୯ | ୧୨,୦୪,୬୭୪ |

## ୧୧. ଜବତ ଓ ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛ

୨୦୧୦-୧୧ ଆର୍ଥିକ ବର୍ଷ (ଜାନୁଆରୀ ଶେଷ ସୁଦ୍ଧା) ରାଜ୍ୟର (୮) ଆଠ ଗୋଟି ଜିଲ୍ଲାରୁ ଧରପଗଡ କରାଯାଇ ଜବତ ଏବଂ ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ସଂ | ଜିଲ୍ଲାର ନାମ | ନଷ୍ଟ ହୋଇଥିବା ଗଞ୍ଜେଇଗଛ ସଂଖ୍ୟା | ଆନୁମାନିକ ମୂଲ୍ୟ (ଟଙ୍କାରେ) |
|---|---|---|---|
| ୧. | ଅନୁଗୁଳ | ୬,୭୯,୦୦୦ | ୬୭,୯୦,୦୦,୦୦୦/- |
| ୨. | ସମ୍ବଲପୁର | ୩,୯୦,୬୦୦ | ୩୯,୦୬,୦୦,୦୦୦/- |
| ୩. | ବୌଦ | ୩,୨୨,୬୩୨ | ୩୨,୨୬,୩୨,୦୦୦/- |
| ୪. | ଗଜପତି | ୬,୮୦୦ | ୬୮,୦୦,୦୦୦/- |
| ୫. | କନ୍ଧମାଳ | ୪୫,୮୭୭ | ୪,୫୮,୭୭,୦୦୦/- |
| ୬. | ମାଲକାନାଗିରି | ୨,୪୫,୦୦୦ | ୨୪,୫୦,୦୦,୦୦୦/- |
| ୭. | ରାୟଗଡ଼ା | ୧,୫୦,୦୦୦ | ୧୫,୦୦,୦୦,୦୦୦/- |
| ୮. | ଦେଓଗଡ | ୩,୮୬,୯୩୧ | ୩୮,୬୯,୩୧,୦୦୦/- |
| ଇ.ଆଇ.ଓ ଇ.ବି. ୟୁନିଟି | | ୧,୯୯,୫୪୬ | ୧୯,୯୫,୪୬,୦୦୦/- |
| **ସର୍ବମୋଟ** | | **୨୪,୭୬,୩୮୬** | **୨,୪୭,୬୩,୮୬,୦୦୦/-** |

ଜବତ ଓ ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛ ଗୁଡିକର ଆନୁମାନିକ ମୂଲ୍ୟ ୨୪୭.୬୩ କୋଟି ଟଙ୍କା ପ୍ରତିଗଛ ପିଛା ଟ.୧,୦୦୦/-ଙ୍କା ଧରାଯାଇ, ଏହାର ମୂଲ୍ୟ ଆକଳନ କରାଯାଇଅଛି ।

## ୧୨. ଅବୈଧ ମଦକାରବାର ରୋକିବା ପାଇଁ ପଦକ୍ଷପ

**୧୨.୧** ବେଆଇନ ମଦ ରନ୍ଧା ନିୟନ୍ତ୍ରଣ ନ ହେବା ପର୍ଯ୍ୟନ୍ତ ଆଶାନୁରୂପକ ଅବକାରୀ ରାଜସ୍ୱ ଆଦାୟ ହେବା ସମ୍ଭବ ନୁହେଁ । ଅବକାରୀ ଶୁଳ୍କ ପୈଠ ହୋଇନଥିବା ମଦର ପ୍ରସାରକୁ ରୋକିବାପାଇଁ ଓ ଚିହ୍ନଟ କରିବାପାଇଁ ପ୍ରତି ମଦ ବୋତଲ/ ଦେଶୀ ମଦ ପ୍ୟାକେଟ ଉପରେ ଅନନ୍ୟ କ୍ରମିକ ନମ୍ବର ଥିବା ଅବକାରୀ ଅଠାପଟି (Adhesive Label) ଲଗାଯାଉଅଛି । ଏହା ଛଡା ବେଆଇନ ମଦ ରନ୍ଧା କେନ୍ଦ୍ର ମାନଙ୍କରେ ବ୍ୟାପକ ଚଢାଉ କରିବାପାଇଁ ପୋଲିସ୍, ଅବକାରୀ ଓ ଜଙ୍ଗଲ ବିଭାଗର ଖ୍ୟାତିସଂମ୍ପନ୍ନ ବଛା ବଛା ଅଧିକାରୀମାନଙ୍କୁ ନେଇ ମଲ୍‌ଟି-ଡିସିପ୍ଲିନାରୀ ସ୍କ୍ୱାର୍ଡ ଗଠନ କରିବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

**୧୨.୨** ଚୋରାମଦର ଭୟାବହତା ବିଷୟରେ ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍ୱୟଂସହାୟକ ଗୋଷ୍ଠୀ ଓ ପଞ୍ଚାୟତରାଜ ଅନୁଷ୍ଠାନ ମାନଙ୍କୁ ଅବଗତ କରାଯାଉଛି ।

**୧୨.୩** ବିହାର ଏବଂ ଓଡିଶା ଅବକାରୀ (ସଂଶୋଧିତ) ଆଇନ୍ ୨୦୦୬ ଅନୁସାରେ ତା.୦୧.୦୬.୨୦୦୬ ରିଖଠାରୁ ଚୋରାମଦ କାରବାର ବିରୁଦ୍ଧରେ ଦଣ୍ଡବିଧାନକୁ ଅଧିକ କଡାକଡି କରାଯାଇ ଏହାକୁ ଜାମିନ ବିହୀନ କରାଯାଇଛି ।

**୧୨.୪** ଉପରୋକ୍ତ ସଂଶୋଧିତ ଅବକାରୀ ଆଇନ ୨୦୦୬ ଯୋଗୁଁ ମାଫିଆ ଓ ବେଆଇନ ମଦ ପ୍ରସ୍ତୁତକାରୀ ମାନଙ୍କ ମନରେ ଭୟସଂଚାର ହେବାର ପରିଲକ୍ଷିତ ହୋଇଛି । ବେଆଇନ ମଦ କାରବାର ଧିରେ ଧିରେ କମିବାରେ ଲାଗିଛି । ସମାଜର ପ୍ରତ୍ୟେକ ସ୍ତରରୁ ଅବକାରୀ କର୍ମଚାରୀମାନଙ୍କ ପ୍ରତି ସହଯୋଗ ବୃଦ୍ଧି ପାଉଛି । ଅବକାରୀ ଆଇନରେ ଅପରାଧ ପାଇଁ ଦଣ୍ଡ ପରିମାଣ ବୃଦ୍ଧି ପାଇଥିବାରୁ ବହୁ ଅଭିଯୁକ୍ତ ବର୍ତ୍ତମାନ ଜେଲ୍ ଭୋଗୁଛନ୍ତି । ଏଥିପାଇଁ ଜନସଚେତନତା ବୃଦ୍ଧି ପାଇଛି । ଅଦାଲତ ମଧ୍ୟ ସହଜରେ ଜାମିନ ମଞ୍ଜୁର କରୁନାହାଁନ୍ତି । ତେଣୁ ଅବକାରୀ ଅପରାଧ ଗୁଡିକ କ୍ରମେ କମି ଯିବାର ପରିଲକ୍ଷିତ ହେଉଅଛି । ବିଗତ ପାଞ୍ଚ ବର୍ଷର ଅବକାରୀ ଅବୈଧ ମଦ କାରବାର ଠାବ ଏବଂ ଗିରଫଦାରୀର ଏକ ତୁଳନାତ୍ମକ ଚିତ୍ର ନିମ୍ନରେ ପ୍ରଦାନ କରାଗଲା ।

| No of cases detected | 2006-07 | 2007-08 | 2008-09 | 2009-10 | 2010-11 (Upto 31.12.2010) |
|---|---|---|---|---|---|
| | 17367 | 14762 | 13586 | 13598 | 10828 |
| No of persons arrested | 5489 | 4969 | 6243 | 6964 | 6132 |

ଅବକାରୀ କ୍ଷେତ୍ରୀୟ କର୍ମକର୍ତ୍ତାମାନଙ୍କୁ ଉପଯୁକ୍ତ ତାଲିମ୍ ଦେବାପାଇଁ ଆବଶ୍ୟକୀୟ ମିଳିତ ଉଦ୍ୟମ କରାଯାଉଅଛି ଯାହାକି ସବୁ ସହଯୋଗୀସଂସ୍ଥାମାନଙ୍କର ସହାୟତାରେ ଅବକାରୀ ଆଇନର ଉଲଙ୍ଘନକାରୀଙ୍କୁ ଆଖିଦୃଶିଆ ଦଣ୍ଡ ବିଧାନ କରାଯାଇପାରିବ ।

୧୨.୫ N.D.P.S. କେଶ ଗୁଡିକ ଉପରେ ଅବକାରୀ ଉପନିରୀକ୍ଷକ ଏବଂ ତାଠାରୁ ଅଧିକ ପାହ୍ୟାର ଅବକାରୀ ଅଫିସର ମାନଙ୍କୁ ଗିରଫ, ଜବତ ଏବଂ ଅନୁସନ୍ଧାନ କରିବାପାଇଁ କ୍ଷମତା ପ୍ରଦାନ କରାଯାଇଛି। ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡିଶା ଅବକାରୀ ବିଲ୍, ୨୦୦୮ ଗତ ତ୍ରୟୋଦଶ ବିଧାନସଭାର ଚତୁର୍ଦ୍ଦଶ ଅଧିବେଶନରେ ପାରିତ କରାଯାଇଅଛି। ଏହା ପ୍ରଚଳିତ ବିହାର ଓ ଓଡିଶା ଅବକାରୀ ଆଇନ୍, ୧୯୧୫ ପରିବର୍ତ୍ତେ ଓଡିଶା ଅବକାରୀ ନିଜସ୍ୱ ଆଇନ ପ୍ରଚଳନ କରିବା ଉଦ୍ଦେଶ୍ୟରେ ପ୍ରଣିତ କରାଯାଇ ଏଥିରେ ଆଇନ ସରଳ ଓ ବୋଧଗମ୍ୟ କରିବା ସହ ଦୋଷୀକୁ ଦଣ୍ଡ ବିଧାନ ନିମନ୍ତେ ଏଥିରେ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଅଛି । ତତ୍ ସଂଗେ ସଂଗେ ଏହି ନୂତନ ଅବକାରୀ ବିଲ୍ ରେ ଅବକାରୀ ଫାଣ୍ଡି, ସ୍ୱତନ୍ତ୍ର ବିଚାରାଳୟ ଏବଂ ଆଇନ ଅମାନ୍ୟକାରୀ ମଦମାଫିଆ ମାନଙ୍କର ସଂପତ୍ତି ବାଜ୍ୟାପ୍ତି ଓ ମାଲିକାନାସତ୍ତ୍ୱ ରଦ୍ଦ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଏହି ଅବକାରୀ ନୀତି ଗତ ବିଧାନ ସଭାରେ ଅନୁମୋଦନ ଲାଭକରିଛି। ବୋଧହୁଏ ଓଡିଶା ଏକ୍ଷେତ୍ରରେ ପ୍ରଥମ ରାଜ୍ୟ ଯିଏକି ଭାରତ ସରକାରଙ୍କର ନୀତି କୁ ଦୃଷ୍ଟିରେ ରଖି ନିଜ ରାଜ୍ୟର ମଙ୍ଗଳ ସାଧନ ନିମନ୍ତେ ନିଜସ୍ୱ ଏକ ନୂତନ ଅବକାରୀ ନୀତି ପ୍ରଣିତ କରିଛନ୍ତି ଏବଂ ଏହା ମହାମହିମ ରାଷ୍ଟ୍ରପତିଙ୍କ ଅନୁମୋଦନ ପ୍ରାପ୍ତ ପାଇଁ ପ୍ରତିକ୍ଷା କରାଯାଇଛି , ଯାହାକି ଅନୁମୋଦନ ପ୍ରାପ୍ତ ପରେ ଅବିଳମ୍ବେ କାର୍ଯ୍ୟକାରୀ କରାଯିବ।

## ୧୩. ଅବକାରୀ ବିଭାଗର କମ୍ପ୍ୟୁଟରୀକରଣ

ଏକାଦଶ ଅର୍ଥ କମିଶନଙ୍କ ଅନୁଦାନରେ ସମସ୍ତ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ଅବକାରୀ ଡେପୁଟି କମିଶନର ମାନଙ୍କର କାର୍ଯ୍ୟାଳୟ, ଅବକାରୀ କମିଶନରଙ୍କ କାର୍ଯ୍ୟାଳୟ ଓ ଅବକାରୀ ବିଭାଗକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି। ଏହି ଉଦ୍ଦେଶ୍ୟରେ ୫୦.୦୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା ଏବଂ ତାହା ଏହି ଉଦ୍ଦେଶ୍ୟରେ ବିନିଯୋଗ ହୋଇଅଛି। ସମସ୍ତ ଜିଲ୍ଲାର ସଦର ମହକୁମାକୁ ରାଜ୍ୟ ମହକୁମା ସହିତ କମ୍ପ୍ୟୁଟର ମାଧ୍ୟମରେ ଯୋଗାଯୋଗ ବ୍ୟବସ୍ଥା କରିବାପାଇଁ ପଦକ୍ଷେପ ନିଆଯାଉଛି । ଓ.ଏସ୍.ଡବ୍ଲୁ.ଏ.ଏସ୍ (O.S.W.A.S) ଏବଂ ଇ–ଡେସ୍ପାଚ୍ (e-Despatch) ପ୍ରଥା ବିଭାଗରେ ପ୍ରଚଳିତ ହୋଇଅଛି।

## ୧୪. କର୍ମଚାରୀ ସଂଖ୍ୟା

ରାଜ୍ୟରେ ଏକ ଅବକାରୀ ନିର୍ଦ୍ଦେଶାଳୟ ରହିଅଛି। ଅବକାରୀ କମିଶନର, ଏହାର ମୁଖ୍ୟ ଅଟନ୍ତି, ତାଙ୍କ ଅଧିନରେ କଟକ, ବ୍ରହ୍ମପୁର ଓ ସମ୍ବଲପୁର ଠାରେ ତିନି ଜଣ ଅବାକରୀ ଉପକମିଶନର ଅଛନ୍ତି। ରାଜ୍ୟ ମଞ୍ଜୁରୀପ୍ରାପ୍ତ ଅବକାରୀ କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟା ନିମ୍ନରେ ଦର୍ଶାଗଲା:–

| | | | |
|---|---|---|---|
| ୧. | ଅବକାରୀ ଅଧିକ୍ଷକ | – | ୩୧ |
| ୨. | ଉପ–ଅବକାରୀ ଅଧିକ୍ଷକ | – | ୩୪ |
| ୩. | ଅବକାରୀ ନିରୀକ୍ଷକ | – | ୮୦ |
| ୪. | ଉପ–ଅବକାରୀ ନିରୀକ୍ଷକ | – | ୨୦୫ |
| ୫. | ସହକାରୀ ଉପ ଅବକାରୀ ନିରୀକ୍ଷକ | – | ୧୮୫ |
| ୬. | କନେଷ୍ଟବଲ | – | ୧,୧୨୭ |

## ୧୫. ବଜେଟ

**୧୫.୧** ଅବକାରୀ ବିଭାଗ ପାଇଁ ୨୦୦୯–୧୦ ଆର୍ଥିକ ବର୍ଷ (ଅଣଯୋଜନା) ରେ ୩୮୯୭.୪୫ ଲକ୍ଷ ଟଙ୍କା ଅର୍ଥ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ପ୍ରଥମ ଅତିରିକ୍ତ ବଜେଟ ରେ ୧୧୬.୪୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ୨୦୦୯–୧୦ ବର୍ଷ ବଜେଟ୍‌ରେ ଅବକାରୀ ରାଜସ୍ୱର ଆଦାୟ ଲକ୍ଷ୍ୟ ଟ.୮୦୦.୦୦ କୋଟି ଟଙ୍କା ଥିବା ସ୍ଥଳେ ୮୪୮.୯୬ କୋଟି ଟଙ୍କା ଆଦାୟ ହୋଇଛି। ୨୦୧୦–୧୧ ଆର୍ଥିକ ବର୍ଷ ପାଇଁ ୧୦୫୦.୦୦ କୋଟି ଟଙ୍କା ଅବକାରୀ ରାଜସ୍ୱର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଅଛି ।

**୧୫.୨** ବିଭିନ୍ନ ପ୍ରକାର ମାଲିମକଦ୍ଦମା ଯୋଗୁଁ ଅବକାରୀ ଦୋକାନ ଗୁଡିକର ନବୀକରଣ ନ ହୋଇପାରିବାରୁ ଏବଂ ବନ୍ଦୋବସ୍ତର ବିଳମ୍ବ ଯୋଗୁଁ ଅତିରିକ୍ତ ଅବକାରୀ ରାଜସ୍ୱ ଆଦାୟରେ ବ୍ୟାଘାତ ଘଟୁଛି । ରାଜ୍ୟରେ ମଦ ଚାହିଦାଥିବା ଏବଂ ମଦ ଦୋକାନ ନଥିବା ସ୍ଥାନମାନଙ୍କରେ ଉତ୍ତମମାନର ସରକାରୀ ମଦ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଅଛି । ମୁଣ୍ଡ ପିଛା କମ୍ ମଦ ବ୍ୟବହାର (Consumption) କୁ ଦୃଷ୍ଟିରେ ରଖି, ଅବକାରୀ ରାଜସ୍ୱ ଆଦାୟ ବୃଦ୍ଧି କରିବାକୁ ହେଲେ ଅବକାରୀ ଭିତ୍ତିଭୂମିକୁ ଦୃଢ କରିବା ଆବଶ୍ୟକ। ଏହି ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଅବକାରୀ ଭିତ୍ତିଭୂମିର ଉନ୍ନତି କିରବାପାଇଁ ପ୍ରଚେଷ୍ଟା ଜାରିରହିଛି ।

--- * ---